# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**31st August - 2024**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟ ସରକାର ପି.ଏମ୍.-ଉଷା କାର୍ଯ୍ୟକ୍ରମ ଅନ୍ତର୍ଗତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକର ବିକାଶ ପାଇଁ ୫୦୦ କୋଟି ଟଙ୍କା ଖର୍ଚ୍ଚ କରିବେ ।

- ମହିଳାଙ୍କ ବିରୋଧରେ ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛନ୍ତି, କହିଲେ ମୁଖ୍ୟମନ୍ତ୍ରୀ ।

- ୪୮୧ଟି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ଜନସାଧାରଣଙ୍କର କ୍ଷମତା ଓ ଅଧିକାର ସମ୍ବନ୍ଧରେ ସଚେତନ କରାଇବା ନେଇ ଆଜି ପାଳନ କରାଯାଉଛି ସ୍ୱାୟତ୍ତ ଶାସନ ଦିବସ ।

# ପି.ଏମ୍.-ଉଷା କାର୍ଯ୍ୟକ୍ରମ

ରାଜ୍ୟରେ ପି.ଏମ୍.-ଉଷା କାର୍ଯ୍ୟକ୍ରମ ଲାଗୁ କରିବା ପାଇଁ ଆଜି ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ କମିଶନର ଅରବିନ୍ଦ ଅଗ୍ରୱାଲ୍ ଏବଂ ଶିକ୍ଷା ମନ୍ତ୍ରଣାଳୟର ଅତିରିକ୍ତ ଶାସନ ସଚିବ ସୁନିଲ୍ କୁମାର ବର୍ଣ୍ଣୱାଲ୍ ଏହି ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି । ଆସନ୍ତା ୨୦୨୫-୨୬ ଶିକ୍ଷାବର୍ଷଠାରୁ ଏହା କାର୍ଯ୍ୟକାରୀ କରାଯିବ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ କହିଛନ୍ତି, ସରକାରଙ୍କ ୮୧ତମ ଦିନରେ ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପିଏମ୍-ଉଷା କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଓ ତତ୍ତ୍ୱାବଧାନରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହଛନ୍ତି ।

ପି.ଏମ୍.-ଉଷା ଯୋଜନାକୁ ରାଜ୍ୟରେ ସଫଳତାର ସହ କାର୍ଯ୍ୟକାରୀ କରାଯିବାଦ୍ୱାରା ଶିକ୍ଷାର ନୂତନ ଭିତିଭୂମି ଓ ମନବ ସମ୍ବଳର ବିକାଶ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଯୋଜନା' ଦକ୍ଷତା ବିକାଶ, ଗବେଷଣା, ନିଯୁକ୍ତିଭିତ୍ତିକ ଶିକ୍ଷା ବିକାଶରେ ସହାୟକ ହେବ ଶ୍ରୀ ମାଝୀ କହିଛନ୍ତି । ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକର ବିକାଶପାଇଁ ୫୦୦ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

ଏହାଦ୍ୱାରା ରାଜ୍ୟରେ ଏକ କୋଟି ଛାତ୍ରଛାତ୍ରୀ ବିଶ୍ୱସ୍ତରୀୟ ଶିକ୍ଷା ଲାଭ କରିପାରିବେ ।

***BbSR/R***

## ମହିଳା ଉତ୍ପୀଡ଼ନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳା ଉତ୍ପୀଡ଼ନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନପାଇଁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏବଂ ଆରକ୍ଷୀ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ତଥା ଭାରତୀୟ ସାକ୍ଷ୍ୟ ଅଧିନିୟମ ଅନୁଯାୟୀ ମହିଳାମାନଙ୍କ ସୁରକ୍ଷା ସହିତ ଲିଙ୍ଗଗତ ହିଂସାର ଶିକାର ହେଉଥିବା ମହିଳାମାନଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ହେଉଛି ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି । ଏହିକ୍ରମରେ ଏଫ୍.ଆଇ.ଆର୍. ପଞ୍ଜୀକରଣଠାରୁ ଆରମ୍ଭ କରି ତ୍ୱରିତ ତଦନ୍ତ ପ୍ରକ୍ରିୟା ଏବଂ ଦୋଷୀଙ୍କ ବିରୋଧରେ ମୋକଦ୍ଦମା ପରିଚାଳନା ପର୍ଯ୍ୟନ୍ତ ସମସ୍ତ ନ୍ୟାୟିକ ପ୍ରକ୍ରିୟା ଆଇନ ମୁତାବକ ସମ୍ପୂର୍ଣ୍ଣ କରିବା ଏବଂ ଦୋଷୀଙ୍କ ଦଣ୍ଡବିଧାନକୁ ସୁନିଶ୍ଚିତ କରିବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ସରକାର ମହିଳା ହିଂସା ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛନ୍ତି । ଯଦି କୌଣସି ପୁଲିସ୍ ଅଧିକାରୀ ମହିଳାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଅବହେଳା

କରନ୍ତି, ତେବେ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

***BBSR/R***

## ମୁଖ୍ୟମନ୍ତ୍ରୀ - ପ୍ରକଳ୍ପ ଉଦ୍‌ଘାଟନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଆଜି ରାଜ୍ୟରେ ୪୮୧ଟି ବିଭିନ୍ନ ଉନ୍ନତୀମୂଳକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଥିବା ୯ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ୨ଟି ୯୫ ଲକ୍ଷ ଟଙ୍କାର ୯ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି । ଏଥି ମଧ୍ୟରୁ ୬ଟି ରାସ୍ତା ନିର୍ମାଣ ହୋଇଥିବାବେଳେ ୩ଟି ଜିମ୍, ପାର୍କ ଓ ଖୋଲା ସ୍ଥାନର ବିକାଶ ରହିଛି ।

***BBSR/R***

## ସାଧାରଣ ଅଭିଯୋଗ ବିଭାଗ ଖର୍ଚ୍ଚ ଦାବି

ବିଧାନସଭାରେ ଆଜି ଗୃହ ଓ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ଖର୍ଚ୍ଚ ଦାବି ଆଲୋଚନା ହୋଇଛି । ଗୃହବିଭାଗ ପାଇଁ

ମୋଟ ୮ ହଜାର ୭୭୦ କୋଟି ୬ ଲକ୍ଷ ୭୭ ହଜାର ଟଙ୍କାର ଖର୍ଚ୍ଚଦାବି ଆଗତ ହୋଇଛି। ସେହିପରି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପାଇଁ ୬୯୬ କୋଟି ୩୯ ଲକ୍ଷ ୧୭ ହଜାର ଟଙ୍କାର ଖର୍ଚ୍ଚ ଦାବି ଉପସ୍ଥାପନ ହୋଇଛି।

*Assembly Review*

# ଅଙ୍ଗନୱାଡ଼ି

ରାଜ୍ୟର ୩୦ଟି ଜିଲ୍ଲାରେ ଥିବା ୭୪ ହଜାର ୧୯୨ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ୬ ମାସରୁ ୬ ବର୍ଷ ବୟସର ୩୨ ଲକ୍ଷ ୨୬ ହଜାର ୮୫୧ ଜଣ ଶିଶୁ ପଞ୍ଜିକୃତ ହୋଇଛନ୍ତି ବୋଲି ମହିଳା ଓ ଶିଶୁ ବିକାଶ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।  ପଞ୍ଜିକୃତ ସମସ୍ତ ଶିଶୁଙ୍କୁ ପ୍ରତି ମାସରେ ୨୫ ଦିନ ହିସାବରେ ବର୍ଷକୁ ୩୦୦ ଦିନ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି ବୋଲି ସେ କହିଛନ୍ତି ।  ପରିପୂରକ ପୁଷ୍ଟି ଯୋଜନାରେ ସାଧାରଣ ଶିଶୁମାନଙ୍କୁ ଦୈନିକ ୮ ଟଙ୍କା, ଅତିଶୟ ପୁଷ୍ଟିହୀନ ଶିଶୁଙ୍କ ପାଇଁ ଦୈନିକ ୧୨ ଟଙ୍କା ଏବଂ ଗର୍ଭବତୀ ଓ ପ୍ରସୂତୀ ମହିଳାଙ୍କ ପାଇଁ ଦୈନିକ ୯ ଟଙ୍କା ୫୦ ପଇସା ପ୍ରଦାନ କରାଯାଉଛି ବୋଲି ଶ୍ରୀମତୀ ପରିଡା କହିଛନ୍ତି ।

# ବିଚାରାଧୀନ ମାମଲା

ଓଡ଼ିଶା ହାଇକୋର୍ଟ ଏବଂ ଅନ୍ୟାନ୍ୟ ଅଦାଲତଗୁଡ଼ିକରେ ଏବେ ୨୦ ଲକ୍ଷ ୬୫ ହଜାର ୭୧୬ଟି ମାମଲା ବିଚାରାଧୀନ ରହିଛି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ହରିଚନ୍ଦନ କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏନ୍.ସି.ଆର୍.ବି. ତଥ୍ୟ ଅନୁଯାୟୀ ୨୦୧୪ ମସିହାରେ ଅପରାଧିକ ମାମଲାର ଫଏସଲା ହାର ଶତ ପ୍ରତିଶତ, ଦୁର୍ନୀତି ମାମଲାର ଫଏସଲା ହାର ପ୍ରାୟ ୮୦ ପ୍ରତିଶତ ଥିଲା । ସେହିପରି ୨୦୨୩ ମସିହାରେ ୪୫ ହଜାରରୁ ଅଧିକ ମାମଲାର ଫଏସଲା ହୋଇପାରିଛି ବୋଲି ଶ୍ରୀ ହରିଚନ୍ଦନ ଗୃହରେ କହିଛନ୍ତି ।

*Assembly Review*

# ନିଶାମୁକ୍ତ ଅଭିଯାନ

ରାଜ୍ୟକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ଏକ ଆଦର୍ଶବାଦୀ ପରିକଳ୍ପନା ଏବଂ ଏହି ଦିଗରେ ରାଜ୍ୟ ଅଗ୍ରସର ହେଉଛି ବୋଲି ରାଜ୍ୟ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାରେ କହିଛନ୍ତି । ନିଶା ନିବାରଣ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, ରାଜ୍ୟାରେ ୪ଟି ଅବକାରୀ ଗୁଇନ୍ଦା ସଂସ୍ଥା, ୩୩ଟି

ବହୁମୁଖୀ ଦଳ, ୨୦୧ଟି ଅବକାରୀ ଥାନା, ୭୩ଟି ରେଞ୍ଜ୍ ଅଫିସ୍ ଏବଂ ୩ଟି ସାଟେଲାଇଟ୍ ୟୁନିଟ୍‌ଦ୍ୱାରା ଚଢ଼ଉ କଡ଼ାକଡ଼ି କରାଯାଉଛି ।

***Cuttack/R***

## ଧର୍ମେନ୍ଦ୍ର ପ୍ରଧାନ - ପ୍ରକଳ୍ପ ଉଦ୍‌ଘାଟନ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସ୍ୱାୟତ୍ତ ଶାସନ ଦିବସ ଅବସରରେ କଟକ ସହରରେ ୫୦ କୋଟି ଟଙ୍କା ବ୍ୟୟରେ ୪ଟି ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । ଶ୍ରୀ ପ୍ରଧାନ ବକ୍ସିବଜାରଠାରେ ବକ୍ସି ଜଗବନ୍ଧୁଙ୍କର ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ଓଡ଼ିଆ ବଜାରଠାରେ ନେତାଜୀ ସ୍ମାରକୀ ପ୍ରତିଷ୍ଠାନ ଉଦ୍‌ଘାଟନ କରିଥିଲେ । କଟକ ଖାନ୍‌ନଗର ଶ୍ମଶାନରେ ଗେଲ୍ ଇଣ୍ଡିଆ ଆର୍ଥିକ ସହାୟତାରେ ନିର୍ମାଣ କରାଯାଇଥିବା ଦୁଇଟି ଶବଦାହ ଚୁଲାକୁ ଶ୍ରୀ ପ୍ରଧାନ ଲୋକାର୍ପଣ କରିଥିଲେ ।

***Desk, Nayagarh, Dhenkanal, Gajapati/R***

## ସ୍ୱାୟତ୍ତ ଶାସନ ଦିବସ

ସମଗ୍ର ରାଜ୍ୟରେ ଆଜି ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯାଉଛି। ୧୯୯୨ ମସିହାରେ ପଞ୍ଚାୟତରାଜ ବ୍ୟବସ୍ଥା ଦ୍ୱାରା ସ୍ୱାୟତ୍ତ ଶାସନ ବ୍ୟବସ୍ଥା

ଆରମ୍ଭ ହୋଇଥିଲା। ଏହି ଦିବସ ପାଳନ ଅବସରରେ ରାଜ୍ୟର ବିଭିନ୍ନ ପୌରାଞ୍ଚଳରେ ଲୋକମାନଙ୍କର କ୍ଷମତା ଓ ଅଧିକାର ସମ୍ବନ୍ଧରେ ସଚେତନ କରାଇବା ନେଇ କାର୍ଯ୍ୟକ୍ରମମାନ ଆୟୋଜିତ ହେଉଛି।

ନୟାଗଡ଼ ପୌର ପରିଷଦ ପକ୍ଷରୁ ନୟାଗଡ଼ ପଠାଣି ସାମନ୍ତ ସଂସ୍କୃତି ଭବନ ପରିସରରେ ପୌର ପରିଷଦ ଅଧକ୍ଷା ନିରୂପମା ଖଟେଇଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡକ୍ଟର ଅରୁଣ କୁମାର ସାହୁ ଯୋଗଦେଇ ସହରର ଉନ୍ନତୀକରଣ ପାଇଁ ବ୍ୟାପକ ଲୋକାଭିମୁଖୀ ପଦକ୍ଷେପ ଗ୍ରହଣ କରାଯାଇଥିବା କହିଛନ୍ତି ।

ଢେଙ୍କାନାଳ ପୌରପାଳିକା କାର୍ଯ୍ୟାଳୟଠାରେ ଆଜି ସ୍ୱାୟତ୍ତ ଶାସନ ଦିବସ ଅବସରରେ ପୌର ଅଧକ୍ଷା ଜୟନ୍ତୀ ପାତ୍ର ପତାକା ଉତ୍ତୋଳନ କରିବା ସହ ପଲିଥିନ୍ ମୁକ୍ତ ସ୍ୱଚ୍ଛ ଜିଲ୍ଲା ଭାବେ ଗଢ଼ିବାରେ ଜନସାଧାରଣ ଓ କର୍ମଚାରୀମାନଙ୍କ ସହଯୋଗ ଲୋଡ଼ିଥିଲେ । ଏହି ଅବସରରେ ଏକ ସ୍ୱଚ୍ଛତା ପଦଯାତ୍ରାର ଆୟୋଜନ କରାଯାଇଥିଲା ।

ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ପୌର ପରିଷଦ ପକ୍ଷରୁ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଛି । ଭାଇଚାରା ମନୋଭାବ ରଖି ଉନ୍ନୟନ କାର୍ଯ୍ୟରେ ସହଯୋଗ କରି ଏକ ଅଗ୍ରଣୀ ପୌର ପରିଷଦ ଭାବେ ଗଢ଼ି ତୋଳିବାକୁ ପୌର ପରିଷଦ ଅଧକ୍ଷା ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ ।

ପୁରୀ ପୌର ପରିଷଦ ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ଅବସରରେ ୨୮୬ ଜଣ ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ବଣ୍ଟନ କରାଯାଇଛି । ପୁରୀ

ଲୋକସଭା ସାଂସଦ ସମ୍ବିତ୍ ପାତ୍ର, ବିଧାୟକ ସୁନିଲ କୁମାର ମହାନ୍ତି ଯୋଗଦେଇ ନଗରକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବା ଏହି ଦିବସ ପାଳନର ଲକ୍ଷ୍ୟ ହେବା ଉଚିତ ବୋଲି କହିଥିଲେ ।

***Boudh/R***

# ମ୍ୟାଲେରିଆ ସଚେତନତା

ବୌଦ୍ଧ ଜିଲ୍ଲା କଣ୍ଟମାଳଠାରେ ସରକାରୀ ଉଚ୍ଚ ବିଦ୍ୟାଳୟର ଜୁନିୟର ରେଡ୍‌କ୍ରସ ଆନୁକୂଲ୍ୟରେ ମ୍ୟାଲେରିଆ ଓ ଡେଙ୍ଗୁ ଜ୍ୱର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଏଡିସ୍ ମଶା କାମୁଡ଼ିବାଦ୍ୱାରା ଡେଙ୍ଗୁ ଜ୍ୱର ଏବଂ ମାଈ ଏନୋଫିଲିସ୍ ମଶାଦ୍ୱାରା ମ୍ୟାଲେରିଆ ରୋଗ ସମ୍ପର୍କରେ ଜନସାଧାରଣ ପ୍ରଥମେ ନିଜେ ସଚେତନ ହେବା ସହ ସମାଜକୁ ସଚେତନ କରାଇବା ଉପରେ ଆଲୋଚନା କରାଯାଇଥିଲା ।

***Nabarangpur/R***

# ଆମ ପୁଲିସ୍ ସମିତି

ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ପରିସରରେ ଆମ ପୁଲିସ୍ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପୁଲିସ୍ ଅଧିକାରୀ ଓ

କର୍ମଚାରୀମାନେ’ ଥାନାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ସହ ସେମାନଙ୍କ ସମସ୍ୟାର ସମାଧାନ ନିମନ୍ତେ ତୁରନ୍ତ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି । ସେହିଭଳି ପ୍ରତି କ୍ଷେତ୍ରରେ ପୁଲିସ୍‌କୁ ସହଯୋଗ କରିବା ନିମନ୍ତେ ଜନସାଧାରଣଙ୍କ ସହାୟତା ଲୋଡ଼ାଯାଇଥିଲା ।

***Bhadrak/R***

# ଭତ୍ତା କାର୍ଡ଼ ବଣ୍ଟନ

ରାଜ୍ୟ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ପକ୍ଷରୁ ଭଦ୍ରକ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଦିବ୍ୟାଙ୍ଗ ଏବଂ ବିଧବାମାନଙ୍କ ପାଇଁ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ୩୬ଟି ପଞ୍ଚାୟତର ହିତାଧିକାରୀମାନଙ୍କୁ ଭତ୍ତା କାର୍ଡ଼ ବଣ୍ଟନ କରିଥିଲେ ।

*Ganjam/R*

# ଆରୋଗ୍ୟ ସେବା ଶିବିର

ଗଞ୍ଜାମ ଜିଲ୍ଲା ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ମାଣିତରାଠାରେ ଆୟୁଷ୍ମାନ ଆରୋଗ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ଯୋଗବିଦ୍ୟା ପ୍ରଦାନ, ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା, ଟେଲି-ମେଡିସିନ୍ ଯୋଗେ ବିଶେଷଜ୍ଞ ଡାକ୍ତରଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟସେବା ପ୍ରଦାନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିବିରରେ ୧୫୭ ଜଣ ରୋଗୀଙ୍କର ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

*Ganjam/R*

# ଉତ୍କର୍ଷ ତାଲିମ ଶିବିର

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଗଞ୍ଜାମ ଜିଲ୍ଲାରେ ଏକ ଜିଲ୍ଲାସ୍ତରୀୟ ଉତ୍କର୍ଷ ତାଲିମ ଶିବିର ଆରମ୍ଭ ହୋଇଛି। ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ଉଚ୍ଚବିଦ୍ୟାଳୟ ଏବଂ ଦିନବନ୍ଧୁ ସରକାରୀ ବାଳିକା ବିଦ୍ୟାଳୟଠାରେ ଆଜିଠାରୁ ଆରମ୍ଭ ହୋଇଥିବା ଏହି ଶିବିର ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଜିଲ୍ଲାର ୩୮୫ଟି ସରକାରୀ ଉଚ୍ଚବିଦ୍ୟାଳୟ ମୋଟ ୧ ହଜାର ୯୪୧ ଶିକ୍ଷକ ଅଂଶଗ୍ରହଣ କରିଛନ୍ତି।

*****